# ଓଡିଶାରେ ଏନ୍.ଆର୍.ଇ.ଜି.ଏ. - ମଷ୍ଟର୍ ରୋଲ୍ ଉପାଖ୍ୟାନ

## ଆତ୍ମଘାତୀ ଆତ୍ମପ୍ରଶଂସା

କିଛିଦିନ ତଳେ ଓଡିଶା ପଞ୍ଚାୟତିରାଜ ବିଭାଗ ତରଫରୁ ରାଜ୍ୟର ବିଭିନ୍ନ ସମ୍ବାଦପତ୍ରରେ ଏକ ବିଶାଳ ବିଜ୍ଞାପନ ପ୍ରକାଶ ପାଇଥିଲା, ଯାହାର ଶୀର୍ଷକ ହେଉଛି, 'ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପ୍ରଣୟନର ସ୍ୱଚ୍ଛତାରେ ଓଡିଶା ଅଗ୍ରଣୀ' । ଏଥିରେ କୁହାଯାଇଥିଲା, 'ଏହି ଯୋଜନାରେ ଖର୍ଚ୍ଚ ହେଉଥିବା ଅର୍ଥର ଟିକିନିଖି ହିସାବ ଏବଂ କାର୍ଯ୍ୟର ସବିଶେଷ ବିବରଣୀ ଜନସାଧାରଣଙ୍କୁ ୱେବ୍‌ସାଇଟ୍ ମାଧ୍ୟମରେ ଉପଲବ୍ଧ କରାଯାଉଛି' । ତା'ପରେ କିପରି ଜଣେ ଆଗ୍ରହୀ ବ୍ୟକ୍ତି କେନ୍ଦ୍ର ସରକାରଙ୍କ ୱେବ୍‌ସାଇଟ୍‌କୁ ଯାଇ ରାଜ୍ୟର ଯେ କୌଣସି ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ଏହି କାର୍ଯ୍ୟକ୍ରମର ସ୍ଥିତି ଏବଂ ବ୍ୟୟିତ ଅର୍ଥରାଶିର ସବିଶେଷ ବିବରଣୀ ଜାଣି ପାରିବେ, ସେ ବିଷୟରେ ବିଶଦ୍ ମାର୍ଗଦର୍ଶନ କରାଯାଇଛି । ସେହି ବିଜ୍ଞାପନରେ ପୁଣି ଦାବୀ କରାଯାଇଥିଲା ଯେ, 'ସୂଚନା ଅଧିକାର ଆଇନ୍‌ର ଆଭିମୁଖ୍ୟକୁ ଅକ୍ଷରେ ଅକ୍ଷରେ ପାଳନ କରି ଏନ୍.ଆର୍.ଇ.ଜି.ଏସ୍. ଯୋଜନା ସମ୍ବନ୍ଧୀୟ ତଥ୍ୟ ଓ ବିବରଣୀ ଜନସାଧାରଣଙ୍କୁ ଇଣ୍ଟରନେଟ୍ ମାଧ୍ୟମରେ ସୁରୁଖୁରୁରେ ଓ ବିନାମୂଲ୍ୟରେ ଯୋଗାଇ ଦେବାରେ ଓଡିଶା ହେଉଛି ଭାରତର ସର୍ବପ୍ରଥମ ତଥା ଏକମାତ୍ର ରାଜ୍ୟ' । ବିଜ୍ଞାପନଟି ପଢିବା ପରେ ଏହି ଲେଖକ ପ୍ରଥମେ ଜିଜ୍ଞାସୁ ହେଲେ, ସ୍ୱଚ୍ଛତା ରକ୍ଷା ବ୍ୟାପାରରେ ଓଡିଶା ସର୍ବପ୍ରଥମ ଏବଂ ଏକମାତ୍ର ରାଜ୍ୟ ବୋଲି କିଏ ମାନ୍ୟତା ଦେଇଛି ? କିଛିଦିନର ତନାଘନା ଅନୁସନ୍ଧାନ ପରେ ଜଣା ପଡିଲା, ଆଉ କେହି ବାହାର ସଂସ୍ଥା ଏହି ପ୍ରଶଂସାପତ୍ର ଦେଇନାହାନ୍ତି, ଓଡିଶା ସରକାର ନିଜ ତୁରୀ ନିଜେ ଫୁଙ୍କିଛନ୍ତି ।

## ଜାଲିଆତି ଓ ହେରାଫେରିରେ ଅଗ୍ରଣୀ

ପାଠକମାନଙ୍କର ସ୍ମରଣ ଥିବ, ଅଳ୍ପ କିଛିମାସ ତଳେ ଭାରତ ସରକାରଙ୍କ ସି.ଏ.ଜି. (ହିସାବ ମହା-ସମୀକ୍ଷକ) ଓଡିଶା ସମେତ ବିଭିନ୍ନ ରାଜ୍ୟରେ ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟକାରିତା ଉପରେ ବିଶଦ୍ ଅନୁସନ୍ଧାନ କରି ଅକାଟ୍ୟ ପ୍ରମାଣ ସହ ଏକ ଚିଠା-ବିବରଣୀ ପ୍ରକାଶ କରିଥିଲେ, ଯାହାର ସାରମର୍ମ ହେଉଛି, ଏପରି କୌଣସି ଜାଲିଆତି ଓ ହେରାଫେରି ନାହିଁ, ଯାହାକି ଓଡିଶାରେ ପ୍ରୟୋଗ କରାଯାଇନି । ପୁଣି ଉଲ୍ଲେଖନୀୟ ଯେ, ସି.ଏ.ଜି. ରିପୋର୍ଟ ପୂର୍ବରୁ ଦିଲ୍ଲୀର ଏକ ଗବେଷକ ସଂସ୍ଥାର ନିର୍ଦ୍ଦେଶକ ଡକ୍ଟର ପର୍ଶୁରାମ ରାୟ କେ.ବି.କେ. ଅଞ୍ଚଳର ଛ'ଟି ଜିଲ୍ଲାକୁ ଗସ୍ତ କରି ପ୍ରମାଣ ସହକାରେ ଦର୍ଶାଇଥିଲେ ଯେ, କାଗଜପତ୍ରକୁ ଏପଟସେପଟ କରି ରାଜ୍ୟର ସୁଚତୁର ଅମଲା ଗୋଷ୍ଠୀ ଏନ୍.ଆର୍.ଇ.ଜି.ଏ. ପାଇଁ ମୋଟ୍ ମଞ୍ଜୁରି ଅର୍ଥର ପ୍ରାୟ ଶତକଡା ୭୫ଭାଗ ନିଜେ ଲୁଟି ନେଇଛନ୍ତି ; ଏବଂ ଇଣ୍ଟରନେଟ୍‌ରେ ପ୍ରଦର୍ଶୀତ ସରକାରୀ ତଥ୍ୟାବଳୀ ସହ ବାସ୍ତବତାର କୌଣସି ତାଳମେଳ ନାହିଁ । ବଡ ବିସ୍ମୟର କଥା, ଉପରୋକ୍ତ ଦୁଇଟି ଅନୁଧ୍ୟାନରେ ଅର୍ଥହଡପର ଯେଉଁସବୁ ସୁନିର୍ଦ୍ଦିଷ୍ଟ ଦୃଷ୍ଟାନ୍ତ ଦର୍ଶାଯାଇଥିଲା, ସେଗୁଡିକ ସମ୍ବନ୍ଧରେ ସରକାର କୌଣସି ସ୍ପଷ୍ଟୀକରଣ ନେଦଇ ପୁଣି ଦାବୀ କରିବସିଛନ୍ତି ଯେ, ଏନ୍.ଆର୍.ଇ.ଜି.ଏ.ରେ ସ୍ୱଚ୍ଛତା ରକ୍ଷା କରିବାରେ ଓଡିଶା ସର୍ବପ୍ରଥମ ଓ ଏକମାତ୍ର ରାଜ୍ୟ । ଏପ୍ରକାର ଦାବୀ ଯେତିକି ହାସ୍ୟାସ୍ପଦ, ସେତିକି ବେଦନାଦାୟକ ମଧ୍ୟ ।

## ମଷ୍ଟର୍ ରୋଲ୍‌ର ଗୁରୁତ୍ୱ

ସି.ଏ.ଜି.ଙ୍କର ଏକ ମନ୍ତବ୍ୟ ଥିଲା, ମଷ୍ଟର୍ ରୋଲ୍ ହେଉଛି ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟକ୍ରମର ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ଦଲିଲ୍, ଯାହାର ସଠିକ୍ ଅନୁରକ୍ଷଣ ନହେଲେ ଅସଲି ଓ ନକଲି ହିତାଧିକାରୀଙ୍କୁ ଚିହ୍ନଟ କରିବା ସମ୍ଭବ ହେବନି (ଦ୍ରଷ୍ଟବ୍ୟ: ଅନୁଚ୍ଛେଦ ୧.୧.୨, ତୃତୀୟ ଖଣ୍ଡ) । କେଉଁ ଶ୍ରମିକ କେଉଁ ତାରିଖରେ କେତେ ନିର୍ଦ୍ଦିଷ୍ଟ ପରିମାଣର ମଜୁରି ପାଇଛି, ତାହା ମଷ୍ଟର୍ ରୋଲ୍‌ରେ ସୂଚୀତ ହୋଇଥାଏ, ଏବଂ ଗୋଟିଏ ମଷ୍ଟର୍ ରୋଲ୍‌ର ନକଲ ତିନୋଟି ଜାଗାରେ ସର୍ବସାଧାରଣଙ୍କ ନିରୀକ୍ଷଣ ଓ ତର୍ଜମା ପାଇଁ ଉପଲବ୍ଧ ରହିବା ବିଧେୟ, ଗ୍ରାମ ପଞ୍ଚାୟତରେ, କାର୍ଯ୍ୟକ୍ରମ ଅଧିକାରୀ (ବି.ଡି.ଓ.)ଙ୍କ କାର୍ଯ୍ୟାଳୟରେ ତଥା ଭାରତ ସରକାରଙ୍କ ୱେବ୍‌ସାଇଟ୍‌ରେ । ସାଧାରଣ ଶ୍ରମିକମାନେ ଗରିବ ତଥା ନିରକ୍ଷର ବା ଅଳ୍ପସାକ୍ଷର ବ୍ୟକ୍ତି ହୋଇଥିବାରୁ ସେମାନଙ୍କ ପକ୍ଷେ ୱେବ୍‌ସାଇଟ୍‌ରୁ ସୂଚନା ସଂଗ୍ରହ କରିବାର ଆଦୌ ପ୍ରଶ୍ନ ଉଠୁନି । କିନ୍ତୁ ଯଦି ମଷ୍ଟର୍ ରୋଲ୍ ଠିକ୍ ଢଙ୍ଗରେ ଅନୁରକ୍ଷିତ ହୋଇ ପଞ୍ଚାୟତ ବା ବ୍ଲକ୍ କାର୍ଯ୍ୟାଳୟରେ ଉପଲବ୍ଧ ହୋଇପାରେ ତେବେ ସଂପୃକ୍ତ ଶ୍ରମିକମାନେ ନିଶ୍ଚିତ ରୂପେ ଆବଶ୍ୟକ ମତେ ତାହାକୁ ନିରୀକ୍ଷଣ ଏବଂ ଯାଞ୍ଚ କରିବାରେ ସମର୍ଥ ହେବେ ଏବଂ ଏହା ଫଳରେ କାର୍ଯ୍ୟକ୍ରମର ରୂପାୟନ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରାଯାଇପାରିବ । ପୂର୍ବରୁ ସୂଚୀତ ହୋଇସାରିଛି, ଉଭୟ ପର୍ଶୁରାମ୍ ରାୟ ଏବଂ ସି.ଏ.ଜି.ଙ୍କ ରିପୋର୍ଟରେ ଦର୍ଶୀତ ହୋଇଥିଲା ଯେ, ଶ୍ରମିକମାନଙ୍କୁ ମିଳିଥିବା କାର୍ଯ୍ୟଦିବସ ସଂଖ୍ୟା ଏବଂ ମଜୁରି ପରିମାଣକୁ ୱେବ୍‌ସାଇଟ୍‌ରେ ଅତିସ୍ଫୀତ କରି ପ୍ରଦର୍ଶୀତ କରାଯାଇଛି । ସେମାନଙ୍କୁ ଏହି ତଥ୍ୟ କେବଳ ଯେ ଶ୍ରମିକମାନଙ୍କ ସହ ସାକ୍ଷାତ ଏବଂ କଥାବାର୍ତ୍ତାରୁ ଜଣାପଡିଥିଲା, ତାହାନୁହେଁ, ବରଂ ଗୋଟିଏ ପଟରେ ୱେବ୍‌ସାଇଟ୍‌ର ମଷ୍ଟର୍ ରୋଲ୍ ଏବଂ ଅନ୍ୟ ପଟରେ ପଞ୍ଚାୟତ ତଥା ବ୍ଲକ୍ କାର୍ଯ୍ୟାଳୟରେ ଅନୁରକ୍ଷିତ ହୋଇଥିବା ମଷ୍ଟର୍ ରୋଲ୍ ଭିତରେ ଥିବା ତଥ୍ୟଗତ ଅସାମଞ୍ଜସ୍ୟରୁ ମଧ୍ୟ ଧରାପଡିଥିଲା । ବର୍ତ୍ତମାନ ଆଉ ଏକ ସାଂଘାତିକ ଅସଂଗତି ବିଷୟରେ ଆଲୋଚନା କରିବା ଦରକାର, ଯାହାକି ଓଡିଶାରେ ଏନ୍.ଆର୍.ଇ.ଜି.ଏ. ଅର୍ଥର ସାହାଣମେଲା ଦୁର୍ନୀତି ପାଇଁ ରାସ୍ତା ଖୋଲିଦେଇଛି ଏବଂ ଯାହାର ତୁରନ୍ତ ଅବସାନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ।

## ଓଡିଶାରେ ଦୋନମ୍ବରି ମଷ୍ଟର୍ ରୋଲ୍

ସାରାଦେଶରେ କେଉଁ ପ୍ରକାରର ମଷ୍ଟର୍ ରୋଲ୍ ବ୍ୟବହାର କରାଯିବ, ତହିଁର ଏକ ନମୁନା ଢାଞ୍ଚା ବା ପ୍ରରୂପ (ଫର୍ମ ବି-୩) କେନ୍ଦ୍ରୀୟ ମାର୍ଗଦର୍ଶୀକାରେ ସ୍ଥିରୀକୃତ ହୋଇଥିଲା, ଏବଂ ୧୬.୧୨.୦୬ରେ ବିଜ୍ଞାପିତ ଓଡିଶା ସ୍କିମ୍ ମଧ୍ୟ ଏହାକୁ ଗ୍ରହଣ କରିଛି । କିନ୍ତୁ ବିସ୍ମୟର କଥା, ଏହି ଉଭୟ ବିଧାନକୁ ନଗ୍ନ ଭାବେ ଅବଜ୍ଞା କରି ସାରା ରାଜ୍ୟରେ ମୂଳରୁ ଏ ପର୍ଯ୍ୟନ୍ତ ଏକ ନିଆରା ମଷ୍ଟର୍ ରୋଲ୍ (ଫର୍ମ ଏ-୫) ସବୁ ଆଡେ ବ୍ୟବହାର ହୋଇଚାଲିଛି । ଏହି ଫର୍ମ ଏ-୫କୁ ଦୋନମ୍ବରି ମଷ୍ଟର୍ ରୋଲ୍ କୁହାଯାଇ ପାରେ, କାରଣ କେଉଁ ଖଳନାୟକ ଏହି ଅବୈଧ ମଷ୍ଟର୍ ରୋଲ୍‌ର ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ସେ ବିଷୟରେ କୌଣସି ବିଧିବଦ୍ଧ ସୂଚନା କେଉଁଠି ଉପଲବ୍ଧ ନାହିଁ । ସଂପୃକ୍ତ ଅଧିକାରୀମାନଙ୍କୁ ପଚାରିଲେ, ସେମାନେ କହୁଛନ୍ତି, ସବୁଆଡେ ଏହି ଏ-୫ ମଷ୍ଟର୍ ରୋଲ୍ ହିଁ ଚାଲିଛି, ତେଣୁ ସେମାନେ ମଧ୍ୟ ଏହାକୁ ବ୍ୟବହାର କରିବା ପାଇଁ ବାଧ୍ୟ । ଏ ବିଷୟରେ ଓଡିଶା ଖାଦ୍ୟ ଅଧିକାର ଅଭିଯାନ ଏବଂ 'ଦି ହ୍ୟୁମାନିଟି' ତରଫରୁ ଉଭୟ କେନ୍ଦ୍ର ଓ ରାଜ୍ୟ ପରଷଦଙ୍କ ନିକଟରେ ଅଭିଯୋଗ ଦିଆସରିଛି, କିନ୍ତୁ ଏଯାବତ୍ କୌଣସି ଉତ୍ତର କିମ୍ବା ସ୍ପଷ୍ଟୀକରଣ ମିଳିନାହିଁ ।

## ଦୁଇ ମଷ୍ଟର୍ ରୋଲ୍ ଭିତରେ ପାର୍ଥକ୍ୟ

ବି-୩ ଏବଂ ଏ-୫, ଏହି ଦୁଇ ଧରଣର ମଷ୍ଟର୍ ରୋଲ୍ ଭିତରେ ଆକାଶ ପାତାଳ ପାର୍ଥକ୍ୟ ରହିଛି । ଅନୁମୋଦିତ ମଷ୍ଟର୍ ରୋଲ୍ (ବି-୩) ବ୍ୟବହାର କଲେ କେଉଁ ଶ୍ରମିକ କେଉଁ ଦିନ କେତେ ନିର୍ଦ୍ଦିଷ୍ଟ ମଜୁରି ପାଇଛନ୍ତି, ତାହାର ସୂଚନା ମିଳିପାରିବ, କିନ୍ତୁ ଦୋନମ୍ବରି ମଷ୍ଟର୍ ରୋଲ୍ (ଏ-୫)ରୁ ସେପରି କୌଣସି ସୁନିର୍ଦ୍ଦିଷ୍ଟ ସୂଚନା ମିଳିପାରିବନି, ବରଂ ବିଭିନ୍ନ ଦିନର ମଜୁରିରାଶିକୁ ଏକସଙ୍ଗେ ଗୋଳିଆମିଶା କରି ମନମୁଖୀ ଭାବେ ମୋଟ୍ ଅର୍ଥରାଶି ଦରଜ କରିବା ପାଇଁ ଅଧିକାରୀମାନଙ୍କୁ ଏଥିରେ ଅସୀମ ସୁଯୋଗ ଦିଆଯାଇଛି । ବର୍ତ୍ତମାନ ଦେଖିବା, ଏହି ଦୁଇ ମଷ୍ଟର୍ ରୋଲ୍ ଭିତରେ ଢାଞ୍ଚାଗତ ପାର୍ଥକ୍ୟ କ'ଣ ଅଛି ? ବି-୩ ମଷ୍ଟର୍ ରୋଲ୍‌ରେ ମାସର ପ୍ରତି

ତାରିଖରେ ଜଣେ ଶ୍ରମିକ ପାଉଥିବା ଦୈନିକ ମଜୁରିର ନିର୍ଦ୍ଦିଷ୍ଟ ପରିମାଣ ଲେଖାଯିବାର ବ୍ୟବସ୍ଥା ରହିଛି, ଯାହା ଫଳରେ ମଜୁରି ପଇଠକୁ ନେଇ ଭବିଷ୍ୟତରେ କୌଣସି ସନ୍ଦେହ ବା ବିବାଦ ଉପୁଜିଲେ, ସଂପୃକ୍ତ ଶ୍ରମିକଙ୍କୁ ପଚାରି ନିର୍ଦ୍ଦିଷ୍ଟ କାର୍ଯ୍ୟଦିବସ ପାଇଁ ଦରଜ ହୋଇଥିବା ମଜୁରି-ରାଶିର ସତ୍ୟାସତ୍ୟ ସହଜରେ ଯାଞ୍ଚ କରିହେବ । କିନ୍ତୁ ଅଣ-ଅନୁମୋଦିତ ମଷ୍ଟର୍ ରୋଲ୍‌ରେ ତାରିଖ ସ୍ତମ୍ଭରେ କେବଳ ଉପସ୍ଥାନ ଚିହ୍ନ ଲଗାଯାଉଛି ଏବଂ ଜଣେ ଶ୍ରମିକଙ୍କୁ ଏକ ନିର୍ଦ୍ଦିଷ୍ଟ ତାରିଖର ଶ୍ରମ ପାଇଁ ପଇଠ କରାଯାଉଥିବା ପ୍ରକୃତ ଓ ନିର୍ଦ୍ଦିଷ୍ଟ ପରିମାଣ ନସୂଚେଇ କେତେବେଳେ ୬ଦିନ ପାଇଁ ବା ଆଉ କେତେବେଳେ ୧୨ଦିନ ପାଇଁ ଏକ ମୋଟ୍ ଅର୍ଥରାଶି ତା'ର ପ୍ରାପ୍ୟ ବୋଲି ଦର୍ଶେଇ ତାହା ପଇଠ କରାଯାଇଛି ବୋଲି ଏହି ମଷ୍ଟର୍ ରୋଲ୍‌ରେ ଲିପିବଦ୍ଧ କରାଯାଉଛି । ଦୋନମ୍ବରି ମଷ୍ଟର୍ ରୋଲ୍‌ର ଏହି ଉଦ୍ଭଟ ବ୍ୟବସ୍ଥା ହିଁ ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟକ୍ରମରେ ବିଭିନ୍ନ ଦୋନମ୍ବରି ଧନ୍ଦାର ଅସଲ ଗଙ୍ଗୋତ୍ରୀ ।

**ଦୋନମ୍ବରି ମଷ୍ଟର୍ ରୋଲ୍‌ର ମାହାତ୍ମ୍ୟ**

ଆମେ ସମସ୍ତେ ଜାଣିଛେ, ଏନ୍.ଆର୍.ଇ,ଜି.ଏ. ଆଇନ୍ ଅନୁଯାୟୀ ଜଣେ ଶ୍ରମିକ ଦିନକୁ ସାତଘଣ୍ଟା କାମ କଲେ, ସେ ନ୍ୟୁନତମ ଦୈନିକ ମଜୁରି (ଯାହାକି ଓଡିଶାରେ ପୂର୍ବେ ଥିଲା ୫୫ଟଙ୍କା, କିନ୍ତୁ ପହିଲା ମେ ୨୦୦୭ରୁ ୭୦ଟଙ୍କାକୁ ବଢିଛି) ପାଇବାକୁ ହକ୍‌ଦାର । ଏହାଠାରୁ ସେ କମ୍ ପାଇବନି, କିନ୍ତୁ ବେଶୀ ପାଇବାରେ ଅର୍ଥାତ୍, ୮୦ କି ୯୦ କି ୧୦୦ଟଙ୍କା ଦିନକୁ ପାଇବାରେ କୌଣସି ଆଇନ୍‌ଗତ ବାଧା ନାହିଁ । ଏହାଛଡା, ସମୟ-ମଜୁରି ଠାରୁ ଠିକା-ଚୌକାର ମଜୁରି ଭିନ୍ନ ପଦ୍ଧତିରେ ହିସାବ କରାଯାଇଥାଏ ; ଯଥା ଓଡିଶାରେ ସାଧାରଣ ମାଟିରେ ୧୦' x ୧୦' x ୧' ପାଇଁ ୧୦୦ଟଙ୍କା । ପୁଣି ପ୍ରତି ଅଣୁ-ଅଞ୍ଚଳ ପାଇଁ ସେଠାକାର ଭୂତାତ୍ତ୍ୱିକ ଏବଂ ଜଳବାୟୁଗତ ଭିନ୍ନତା ଭିତ୍ତିରେ ଭିନ୍ନଭିନ୍ନ ମଜୁରି ହାର ନିର୍ଦ୍ଧାରଣ କରାଯାଇପାରେ (ଦ୍ରଷ୍ଟବ୍ୟ: ମାର୍ଗଦର୍ଶୀକାର ଅନୁଚ୍ଛେଦ ୬.୩) । ତେଣୁ, ଏମିତି ବି ହୋଇପାରେ, ଜଣେ ଶ୍ରମିକ ଗୋଟିଏ ଦିନ ଠିକା-ଚୌକା କାମ ଯୋଗୁଁ ହେଉ ବା ୭ଘଣ୍ଟା ଠାରୁ ଅଧିକ ଶ୍ରମ କରି ହେଉ ଅଥବା ୭ଘଣ୍ଟା ଭିତରେ ଅନ୍ୟ ଶ୍ରମିକମାନଙ୍କ ତୁଳନାରେ ଅଧିକ ସଘନ କାର୍ଯ୍ୟ କରିଥିବା କାରଣରୁ ହେଉ ନ୍ୟୁନତମ ମଜୁରି ଠାରୁ ଅଧିକ ପାଇବା ପାଇଁ ହକ୍‌ଦାର ହେଲେ । କିନ୍ତୁ ସେହି ଅତିରିକ୍ତ ଅର୍ଥରାଶିକୁ ବର୍ତ୍ତମାନ ବ୍ୟବହୃତ ହେଉଥିବା ଦୋନମ୍ବରି ମଷ୍ଟର୍ ରୋଲ୍ (ଏ-୫)ରେ ଦୈନିକ ଭିତ୍ତିରେ ସୂଚୀତ କରାଇବା ପାଇଁ କୌଣସି ବ୍ୟବସ୍ଥା ନାହିଁ । କାରଣ, ମାସର ପ୍ରତି ତାରିଖ ପାଇଁ ସୂଚୀତ ଥିବା ସ୍ତମ୍ଭ ତଳେ, ଯେଉଁଠି ଅର୍ଥରାଶି ସୂଚୀତ ହେବା କଥା, ସେହି ସ୍ଥାନରେ କେବଳ ଉପସ୍ଥାନ ଚିହ୍ନ (√ ବା ଇଂରାଜୀରେ P) ପକାଯାଉଛି । ଆଉ ଗୋଟିଏ ସ୍ତମ୍ଭର ଶୀର୍ଷକ ହେଲା, ଦୈନିକ ମଜୁରି, ଯାହା ତଳେ ୫୫ଟଙ୍କା ବା ୭୦ଟଙ୍କା ଲେଖାଯାଉଛି । ଆଉ ଗୋଟିଏ ସ୍ତମ୍ଭର ଶୀର୍ଷକ ହେଲା ମୋଟ ପ୍ରାପ୍ୟ, ଯାହା ତଳେ ଲେଖା ଯାଉଛି ମୋଟ୍ କାର୍ଯ୍ୟଦିବସ ପାଇଁ ଶ୍ରମିକଙ୍କୁ ଯେଉଁ ମୋଟ୍ ମଜୁରି ମିଳିବା କଥା । ଏହାପରେ ଆଉ ଗୋଟିଏ ସ୍ତମ୍ଭ ରହିଛି, ପଇଠ ହୋଇଥିବା ମୋଟ୍ ଅର୍ଥରାଶି । ଏହି ସ୍ତମ୍ଭଗୁଡିକ ପୂରଣ କରିବା କ୍ଷେତ୍ରରେ କୌଣସି ସୁନିର୍ଦ୍ଧାରିତ ଲିଖିତ ମାନଦଣ୍ଡ ରାଜ୍ୟ ସରକାରଙ୍କ ତରଫରୁ ଘୋଷିତ ହୋଇ ନଥିବାରୁ ମନମୁଖୀ ଢଙ୍ଗରେ ସେଗୁଡିକ ପୂରଣ କରାଯାଉଛି । ବର୍ତ୍ତମାନ ଇଣ୍ଟରନେଟ୍‌ରେ ପ୍ରଦର୍ଶୀତ କେତେକ ଉଦାହରଣରୁ ଏହି ସତ୍ୟ ସୁସ୍ପଷ୍ଟ ହୋଇପଡିବ । ବଲାଙ୍ଗିର ଜିଲ୍ଲାର ଖପ୍ରାଖୋଲ୍ ବ୍ଲକ୍‌ର ଟଙ୍କପାଣି ପଞ୍ଚାୟତରେ ଏକ ରାସ୍ତାକାର୍ଯ୍ୟରେ ୪ଜୁନ୍‌ରୁ ୯ଜୁନ୍ ଭିତରେ ୬ଦିନ ପାଇଁ ନିଯୁକ୍ତ ହୋଇଥିବା ୧୫ଜଣ ଶ୍ରମିକଙ୍କ ଭିତରୁ ପ୍ରତ୍ୟେକଙ୍କୁ ଦୈନିକ ମଜୁରି ୫୫ଟଙ୍କା ହିସାବରେ ପ୍ରାପ୍ୟ ହେଉଥିବା ମୋଟ୍ ୩୩୦ଟଙ୍କା ଦିଆଯାଇଛି ବୋଲି ମଷ୍ଟର୍ ରୋଲ୍ ସଂଖ୍ୟା-୧୧୧୩୪ରେ ଦର୍ଶୀତ ହୋଇଛି । ଏଠାରେ ପ୍ରାପ୍ୟ ରାଶି ଏବଂ ପଇଠ ରାଶିର ହିସାବକୁ ନେଇ କୌଣସି ଅମେଳ ନାହିଁ । କିନ୍ତୁ ଆଉ କେତେକ ସ୍ଥଳରେ ମଷ୍ଟର ରୋଲ୍‌ରେ ସୂଚୀତ ହୋଇଥିବା ଅର୍ଥରାଶି ପଛରେ କୋଣସି ଯୌକ୍ତିକତା ଥିବା ଜଣା ପଡୁନାହିଁ । ଦୃଷ୍ଟାନ୍ତ ସ୍ୱରୂପ, ସେହି ବଲାଙ୍ଗିର ଜିଲ୍ଲାର ପାଟଣାଗଡ ବ୍ଲକ୍‌ର ଗଙ୍ଗାସାଗର ଗ୍ରା.ପ.ରେ ୨୯ମେ ରୁ ୧୧ଜୁନ୍ ୨୦୦୭ରେ କାଳିଆମୁଣ୍ଡା ଜଳଅମଳ ପ୍ରକଳ୍ପରେ ନିଯୁକ୍ତ ହୋଇଥିବା ଶ୍ରମିକମାନଙ୍କ ପାଇଁ ବ୍ୟବହୃତ ମଷ୍ଟର୍ ରୋଲ୍ ସଂଖ୍ୟା ୧୬୪୩୫୭ରେ ଦୈନିକ ମଜୁରି ୭୦ଟଙ୍କା ଦର୍ଶାଯାଇଥିବା ସ୍ଥଳେ ପ୍ରତି ଶ୍ରମିକଙ୍କର ୧୨ଦିନର ମଜୁରି ବାବଦ ମୋଟ୍ ପ୍ରାପ୍ୟ ରୂପେ ଭିନ୍ନଭିନ୍ନ ଅର୍ଥରାଶି ସୂଚୀତ ହୋଇଛି ଏବଂ ସେହି ଭିନ୍ନଭିନ୍ନ ପରିମାଣ ମଧ୍ୟ ପଇଠ କରାଯାଇଛି, ଯଥା, ୧୩୮୧, ୧୩୮୨, ୧୪୦୮, ୧୪୯୧, ୧୫୧୫, ଓ ୧୮୭୨ଟଙ୍କା । ଏକା ଧରଣର କାମ ପାଇଁ କାହିଁକି ଜଣଙ୍କୁ ୧୩୮୧ଟଙ୍କା ଦିଆଯାଇଥିବା ବେଳେ ଅନ୍ୟଜଣଙ୍କୁ ୧୮୭୨ଟଙ୍କା ଦିଆଗଲା, ତାହାର ଯଥାର୍ଥତା ଜାଣିବାର କୌଣସି ଉପାୟ ମଷ୍ଟର୍ ରୋଲ୍‌ରୁ ମିଳୁନାହିଁ । ଅଥବା କେଉଁଦିନ ପାଇଁ କେତେ ମଜୁରି ପ୍ରାପ୍ୟ ହେବା ଫଳରେ ୧୨ ଦିନର ମଜୁରି ମିଶି ଜଣଙ୍କର ମୋଟ୍ ୧୩୮୧ ଟଙ୍କା ହେଲା, ବା ଆଉ ଜଣଙ୍କର ୧୮୭୨ଟଙ୍କା ହେଲା, ତହିଁର କୈଫିୟତ୍ ଏହି ମଷ୍ଟର୍ ରୋଲ୍‌ରୁ ମଧ୍ୟ ଜାଣି ହେଉନାହିଁ । ସୁତରାଂ ପ୍ରକୃତରେ ଜଣେ ଶ୍ରମିକ ଯାହା ମଜୁରି ପାଇଥାନ୍ତୁ ନା କାହିଁକି, ତାଙ୍କର ୬ଦିନ ବା ୧୨ଦିନର ମିଳିତ ମଜୁରି ପରିମାଣକୁ ମନଗଢା କରି ଇଣ୍ଟରନେଟ୍‌ରେ ପ୍ରଦର୍ଶନ କରିବା ପାଇଁ ଦୋନମ୍ବରି ମଷ୍ଟର୍ ରୋଲ୍ ସଂପୃକ୍ତ ଅଧିକାରୀମାନଙ୍କୁ ସୁବର୍ଣ୍ଣ ସୁଯୋଗ ଆଣି ଦେଇଛି ।

**ମାର୍ଗଦର୍ଶୀକାର ନଗ୍ନ ଉଲ୍ଲଂଘନ**

ଦୋନମ୍ବରି ମଷ୍ଟର୍ ରୋଲ୍‌ର ଏପ୍ରକାର ଗୋଳମାଳିଆ ବ୍ୟବସ୍ଥା ଭାରତ ସରକାରଙ୍କ ମାର୍ଗଦର୍ଶୀକାର ଅନୁଚ୍ଛେଦ ୧୧.୨ରେ ସ୍ଥାନିତ ବିନ୍ଦୁ-୭(୯)ର ନିର୍ଦ୍ଦେଶନାକୁ ଉଲ୍ଲଂଘନ କରୁଛି, କାରଣ ଏଥିରେ କୁହାଯାଇଛି ଯେ, ପ୍ରତି ଶ୍ରମିକର କାର୍ଯ୍ୟକୁ ପ୍ରତିଦିନ ମାପ କରାଯାଇ ସେ ବିଷୟରେ ତଥ୍ୟାବଳୀ ସ୍ୱଚ୍ଛ ରହିବ । ଏହି ବ୍ୟବସ୍ଥା ପୁଣି ଉଲ୍ଲଂଘନ କରୁଛି ମାର୍ଗଦର୍ଶୀକାର ଅନୁଚ୍ଛେଦ ୧୧.୬.୨ର ବିନ୍ଦୁ-'ଇ' କୁ, ଯେଉଁଠି କୁହାଯାଇଛି ଯେ, ଠିକାହାର ବ୍ୟବସ୍ଥା ଯଦି ବଳବତ୍ତର ଥାଏ, ତେବେ ପ୍ରତି ବ୍ୟକ୍ତିର ଦୈନିକ କାର୍ଯ୍ୟର ମାପଚୁପ୍ ସ୍ୱଚ୍ଛତାପୂର୍ଣ୍ଣ ଢଙ୍ଗରେ କରାଯିବା ଜରୁରୀ । ସି.ଏ.ଜି. ମଧ୍ୟ ତାଙ୍କ ଚିଠା-ବିବରଣୀରେ କହିଛନ୍ତି ଯେ, ଜଣେ ଶ୍ରମିକ ଦୈନିକ ଭିତ୍ତିରେ ତାଙ୍କର କାର୍ଯ୍ୟର ମାପଚୁପ୍‌କୁ ଯେପରି ଯାଞ୍ଚ କରିପାରିବେ, ତାହାକୁ ଦୃଷ୍ଟିରେ ରଖି ସୂଚନାବଳୀ ଲିପିବଦ୍ଧ ହେବା ଉଚିତ୍ (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୧.୩.୧, ଖଣ୍ଡ-୨) । ଯଦି ତାହା କରାନଯାଏ ଏବଂ ଏକାବେଳେ ୬ଦିନ ବା ୧୨ଦିନର ବିଭିନ୍ନ ପ୍ରାପ୍ୟ ପରିମାଣକୁ ସଂପୃକ୍ତ ଅଧିକାରୀ ନିଜ ଟିପାଖାତାରେ ମିଶେଇ ବର୍ତ୍ତମାନ ଭଳି ମଷ୍ଟର୍ ରୋଲ୍ ପୂରଣ କରି ଚାଲନ୍ତି, ତେବେ ଶ୍ରମିକର ପ୍ରାପ୍ୟ ନିର୍ଦ୍ଧାରଣ ଏବଂ ପଇଠ ସଂପୂର୍ଣ୍ଣ ରୂପେ ସେହି ଅଧିକାରୀମାନଙ୍କ ମର୍ଜି ଉପରେ ନିର୍ଭର କରିବ ଏବଂ ସେମାନେ ସେହି ଗଳାବାଟ ଦେଇ ଗରିବ ଶ୍ରମିକମାନଙ୍କର ମଜୁରି-ଅର୍ଥକୁ ବର୍ତ୍ତମାନ ଭଳି ହଡପ୍ କରି ଚାଲିବେ । ପୁଣି ସି.ଏ.ଜି. କହିଛନ୍ତି ଯେ, ଓଡିଶାରେ ବ୍ୟବହାର ହେଉଥିବା ମଷ୍ଟର୍ ରୋଲ୍ ଅନୁମୋଦିତ ମଷ୍ଟର୍ ରୋଲ୍ ନୁହେଁ (ଦ୍ରଷ୍ଟବ୍ୟ : ଅନୁଚ୍ଛେଦ ୧.୧.୧, ତୃତୀୟ ଖଣ୍ଡ) ।

ସୁତରାଂ ବର୍ତ୍ତମାନ ଓଡିଶାରେ ଏନ୍.ଆର୍.ଇ.ଜି.ଏ.ର ସୁଫଳ ଏହାର ପ୍ରକୃତ ହିତଧିକାରୀଙ୍କ ପାଖରେ ପହୁଞ୍ଚାଇବାକୁ ହେଲେ ତଥା ଏହା କାର୍ଯ୍ୟକ୍ରମରେ ସ୍ୱଚ୍ଛତା ରକ୍ଷା କରିବାକୁ ହେଲେ ସର୍ବପ୍ରଥମେ ଦୋନମ୍ବରି ମଷ୍ଟର୍ ରୋଲ୍ (ଏ-୫)କୁ ହଟାଇବାକୁ ପଡିବ, ଏବଂ ସେହି ସ୍ଥାନରେ କେନ୍ଦ୍ରୀୟ ମାର୍ଗଦର୍ଶୀକା ଓ ଓଡିଶା ସ୍କିମ୍‌ରେ ବିହିତ ହୋଇଥିବା ମଷ୍ଟର୍ ରୋଲ୍ (ବି-୩)କୁ କଡାକଡି ଭାବେ ଲାଗୁ କରିବାକୁ ପଡିବ । ଏହି ଦାୟିତ୍ୱ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କର, କାରଣ ସେ ବର୍ତ୍ତମାନ ଅଛନ୍ତି ଓଡିଶା କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ଅଧ୍ୟକ୍ଷ ।

Chitta Behera, 4A, Jubilee Tower, Choudhury Bazar, Cuttack-9, Mobile: 9437577546, Date 24 March 2008